# NATIONAL NEWS BULLETIN (ODIA)

**1 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ରାଜ୍ୟଗୁଡ଼ିକର ବିକାଶ ସହିତ ଦେଶର ବିକାଶ ଜଡିତ' କହିଲେ ପ୍ରଧାନମନ୍ତ୍ରୀ ।

- ପ୍ରତିଷ୍ଠା ଦିବସ ଅବସରରେ ଛତିଶଗଡ, ହରିୟାଣା, କର୍ଣ୍ଣାଟକ, କେରଳ ଏବଂ ମଧ୍ୟପ୍ରଦେଶ ବାସୀଙ୍କୁ ଜଣାଇଲେ ଶୁଭେଚ୍ଛା ପ୍ରଦାନ ।

- ଆସିଆନ ସଦସ୍ୟ ଓ ସଂଶ୍ଳିଷ୍ଟ ଦେଶମାନଙ୍କ ସହ ପ୍ରତିରକ୍ଷା ସହଯୋଗ ଉପରେ ଗୁରୁତ୍ୱ ଦେଲେ ପ୍ରତିରକ୍ଷା ମନ୍ତ୍ରୀ ।

- ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ତ୍ୱରାନ୍ୱିତ ହେଉଛି ପ୍ରଚାର କାର୍ଯ୍ୟ ।

ଏବଂ

- ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍ କ୍ରିକେଟ୍ ଟାଇଟଲ ହାସଲ ପାଇଁ ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବ ମୁକାବିଲା ।

## ପିଏମ୍ ଛତିଶଗଡ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶର ବିକାଶ ରାଜ୍ୟଗୁଡ଼ିକର ବିକାଶ ସହିତ ଜଡିତ । ଛତିଶଗଡ ଗସ୍ତ ଅବସରରେ ଆଜି

ନୟା ରାୟପୁରରେ ବ୍ରହ୍ମାକୁମାରୀ ଶାନ୍ତି ଶିଖରକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ । ବ୍ରହ୍ମାକୁମାରୀ ଭଳି ସଂଗଠନ ଗୁଡ଼ିକର ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ କହିଛନ୍ତି ଆଗାମୀ ଦିନରେ ବିଶ୍ୱଶାନ୍ତି କ୍ଷେତ୍ରରେ ଅର୍ଥପୂର୍ଣ୍ଣ ପ୍ରୟାସ ପାଇଁ ଏହି କେନ୍ଦ୍ର ଏକ ପ୍ରମୁଖ ମଞ୍ଚ ଭାବରେ ପରିଗଣିତ ହେବ ।

**V/O (PM on Peace)**

ପୂର୍ବରୁ ପ୍ରଧାନମନ୍ତ୍ରୀ ନୟା ରାୟପୁରର ଶ୍ରୀ ସତ୍ୟସାଇ ସଞ୍ଜୀବନୀ ହସ୍ପିଟାଲ ପରିଦର୍ଶନ କରିବା ସହ ସେଠାରେ ଦିଲ୍‌କୀ ବାତ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରାୟ ଅଢ଼େଇହଜାର ପିଲାଙ୍କ ସହିତ ଏହି ଅବସରରେ ଶ୍ରୀ ମୋଦୀ ମତ ବିନିମୟ କରିଥିଲେ । ଜନ୍ମରୁ ହୃଦ୍‌ରୋଗରେ ପୀଡିତ ପିଲାମାନେ ସେହି ହସ୍ପିଟାଲରେ ମାଗଣା ତଥା ଗୁଣାତ୍ମକ ଚିକିତ୍ସା ପାଉଛନ୍ତି । ପ୍ରଧାନମନ୍ତ୍ରୀ ସେଠାରେ ପିଲାଙ୍କୁ ଜୀବନ ଉପହାର ପ୍ରମାଣପତ୍ର ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ରାୟପୁର ଅଟଳ ନଗରଠାରେ ଛତିଶଗଡ ବିଧାନସଭାର ନୂତନ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବା ସହ ସେଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି । ଗସ୍ତ ଅବସରରେ ଶ୍ରୀ ମୋଦୀ ନୟା ରାୟପୁରରେ ସହିଦ ବୀର ନାରାୟଣ ସିଂହ ସ୍ମାରକୀ ଏବଂ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟର ଉଦ୍‌ଘାଟନ କରିବେ । ଛତିଶଗଡ

ଗଠନର ୨୫ବର୍ଷ ପୂର୍ତ୍ତି ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେବା ସହ ବିଭିନ୍ନ କ୍ଷେତ୍ରରେ ୧୪ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

## ପିଏମ୍ ଷ୍ଟେଟ୍‌ସ ଫରମେସନ ଡେ

ଛତିଶଗଡ, ହରିୟାଣା, କର୍ଣ୍ଣାଟକ, କେରଳ ଏବଂ ମଧ୍ୟପ୍ରଦେଶର ପ୍ରତିଷ୍ଠା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେହିସବୁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଛତିଶଗଡ ବାସୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ସେଠାକାର ଅନେକ ନକ୍ସଲ ପ୍ରଭାବିତ ଅଞ୍ଚଳ ଏବେ ବିକାଶ ଦିଗରେ ଅଗ୍ରଗତି କରୁଛି । ହରିୟାଣାବାସୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ସେଠାକାର କୃଷକ ଭାଇଭଉଣୀଙ୍କ ଅକ୍ଲାନ୍ତ ପରିଶ୍ରମ, ସୈନିକଙ୍କ ଅତୁଳନୀୟ ବୀରତ୍ୱ ଏବଂ ଯୁବବର୍ଗଙ୍କ ଉଲ୍ଲେଖନୀୟ ପ୍ରଦର୍ଶନୀ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ହରିୟାଣା ଏକ ଉଦାହରଣ ପାଲଟିଛି ।

କର୍ଣ୍ଣାଟକ ଲୋକଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଏହାର ସାହିତ୍ୟ, କଳା, ସଂଗୀତ ରାଜ୍ୟବାସୀଙ୍କର କାର୍ଯ୍ୟଶୈଳୀ ଏବଂ ପରିଶ୍ରମରେ ପ୍ରତିଫଳିତ ହୋଇଥାଏ । କେରଳର ପ୍ରାକୃତିକ ଦୃଶ୍ୟ ଏବଂ ଶତାବ୍ଦୀ ପୁରୁଣା ଐତିହ୍ୟ ଭାରତର ସ୍ପନ୍ଦନଶୀଳ ସାଂସ୍କୃତିକ ମହିମାକୁ ପ୍ରତିଫଳିତ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଦେଶର ହୃଦୟରେ

ଅବସ୍ଥିତ ମଧ୍ୟପ୍ରଦେଶ ଆଜି ପ୍ରତ୍ୟେକ ବ୍ୟକ୍ତିଙ୍କ ଆକାଂକ୍ଷାକୁ ପ୍ରାଥମିକତା ଦେଇ ପ୍ରଗତିର ନୂତନ ଦିଗରେ ଗତିକରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରାଜନାଥ-ଏସିଆନ ମିଟିଂ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଭାରତ ଆସିଆନ ସଦସ୍ୟ ଏବଂ ସଂଶ୍ଳିଷ୍ଟ ଦେଶମାନଙ୍କ ସହିତ ପ୍ରତିରକ୍ଷା ସହଯୋଗକୁ ଆଞ୍ଚଳିକ ଶାନ୍ତି, ସ୍ଥିରତା ଓ ନିରନ୍ତର ବିକାଶର ଏକ ଅଂଶ ଭାବେ ଗ୍ରହଣ କରିଥାଏ । ମାଲେସିଆର କ୍ୱାଲାଲାମପୁରଠାରେ ଦ୍ୱାଦଶ ଆସିଆନ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକ ଏଡିଏମ୍‌ଏମ୍‌ପ୍ଲସରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଏଡିଏମ୍‌ଏମ୍‌ପ୍ଲସ ଭାରତର ଆକ୍ଟ ଇଷ୍ଟ ପଲିସି ଏବଂ ଏହାର ବ୍ୟାପକ ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣର ଏକ ଅବିଚ୍ଛେଦ୍ୟ ଅଂଶ । ଭାରତ-ପ୍ରଶାନ୍ତ ମହାସାଗରୀୟ ସୁରକ୍ଷା ଦୃଷ୍ଟିକୋଣ ନେଇ ଭାରତ ପ୍ରତିରକ୍ଷା କ୍ଷେତ୍ରର ଆର୍ôଥିକ ବିକାଶ, ପ୍ରଯୁକ୍ତି ବିଦ୍ୟା ସହଯୋଗ ଏବଂ ମାନବସମ୍ୱଳର ଉନ୍ନତି ଦିଗରେ କାର୍ଯ୍ୟ କରେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଭାରତ ଏବଂ ଆସିଆନ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୁରକ୍ଷା, ଅଭିବୃଦ୍ଧି ଓ ସ୍ଥିରତା ନେଇ ସୁଦୃଢ଼ ସମ୍ପର୍କ ରହିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

**V/O (Rajnath on Trad)**

ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ଏଡିଏମ୍‌ଏମ୍‌ପ୍ଲସ ୧୬ତମ ବର୍ଷରେ ପ୍ରବେଶ କରୁଥିବାରୁ ସଦସ୍ୟ ତଥା ସଂଶ୍ଳିଷ୍ଟ ରାଷ୍ଟ୍ରଗୁଡ଼ିକ ସହ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଭାରତ ସର୍ବଦା ପଦକ୍ଷେପ ଗ୍ରହଣ କରୁଛି । ଆଲୋଚନା, ସହଭାଗିତା ଏବଂ ବ୍ୟବହାରିକ ସହଯୋଗ ମାଧ୍ୟମରେ ବିଭିନ୍ନ ଦ୍ୱିପାକ୍ଷିକ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ପ୍ରତିରକ୍ଷା ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ବିହାର ଇଲେକ୍ସନ

ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାରକାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ଏହି ପର୍ଯ୍ୟାୟରେ ଆସନ୍ତା ୬ ତାରିଖରେ ମତଗ୍ରହଣ କରାଯିବ । ଏନ୍‌ଡିଏ ଏବଂ ମହାଗଠବନ୍ଧନ ଷ୍ଟାର ପ୍ରଚାରକମାନେ ନିଜନିଜର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବାର ପ୍ରୟାସ ଜାରି ରଖିଛନ୍ତି । ଲୋକଜନଶକ୍ତି ପାର୍ଟି ରାମବିଳାସ ସଭାପତି ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ ଚଳିତଥର ବିହାରରେ ଏନ୍‌ଡିଏ ସରକାର ଗଠନ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

ପାଟନାଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ବିଜେପି ସାଂସଦ ମନୋଜ ତିୱାରୀ କହିଛନ୍ତି ଏନ୍‌ଡିଏ ଉପରେ ବିହାରବାସୀଙ୍କର ଭରସା ରହିଛି । ନିର୍ବାଚନରେ ଅନ୍ୟଦଳଗୁଡ଼ିକ ତୁଳନାରେ ଏନ୍‌ଡିଏ ଆଗୁଆ ରହିଛି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ସିପିଆଇ ମହାସଚିବ ଡି. ରାଜା କହିଛନ୍ତି ମହାଗଠବନ୍ଧନକୁ ବିହାରବାସୀଙ୍କ ପକ୍ଷରୁ ସକରାତ୍ମକ ପ୍ରତିକ୍ରିୟା ମିଳୁଛି । ବିହାରରେ ମହାଗଠବନ୍ଧନ ସରକାର ଗଠନ କରିବ ବୋଲି ସେ ଆଶାବାଦୀ ଅଛନ୍ତି ।

ତେବେ ବିହାରର ବିଭିନ୍ନ ଅଞ୍ଚଳରେ ଆଜି ବର୍ଷା ଯୋଗୁଁ ନିର୍ବାଚନ ପ୍ରଚାର ବାଧାପ୍ରାପ୍ତ ହୋଇଛି । କେତେକ ଅଞ୍ଚଳରେ ବରିଷ୍ଠ ନେତୃମଣ୍ଡଳୀ ପହଞ୍ଚି ନପାରିବାରୁ ଜନସମାବେଶ ଏବଂ ର୍‍ୟାଲି ବିଳମ୍ବିତ ହୋଇଥିବା ଆମ ସମ୍ବାଦଦାତା କହିଛନ୍ତି ।

## ନାଇଡୁ-କ୍ରେଚ୍

ନୂଆଦିଲ୍ଲୀର ଉଡାନ ଭବନରେ ଏକ ଶିଶୁଯତ୍ନ ଗୃହକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଆଜି ଉଦ୍‌ଘାଟନ କରିଛନ୍ତି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି ଏହି ପଦକ୍ଷେପ କର୍ମଚାରୀ ଅନୁକୂଳ ପରିବେଶ ଏବଂ କାର୍ଯ୍ୟକ୍ଷେତ୍ରରେ ସେମାନଙ୍କ ଅନ୍ତର୍ଭୁକ୍ତିକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବ । କର୍ମଚାରୀଙ୍କର ୬ମାସରୁ ୬ ବର୍ଷ ପର୍ଯ୍ୟନ୍ତ ବୟସର ପିଲାଙ୍କର ନିୟମିତ ଯତ୍ନ ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା ସେଠାରେ ରହିଛି । ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ୫ ଦଶମିକ ଶୂନ ଅଧୀନରେ ଏହି ଶିଶୁଯତ୍ନ ଗୃହ ବ୍ୟବସ୍ଥାର ପ୍ରଚଳନ କରାଯାଇଛି ।

# ଏଭିଏସନ କର୍ପସ ରାଇଜିଂ ଡେ

ଭାରତୀୟ ସେନାର ବିମାନ ଚଳାଚଳ ବାହିନୀ ଆଜି ଏହାର ୪୦ତମ ପ୍ରତିଷ୍ଠା ଦିବସ ପାଳନ କରିଛି । ସେନା ବିମାନ ଚଳାଚଳ କୋରର ମହାନିର୍ଦ୍ଦେଶକ ତଥା କର୍ଣ୍ଣେଲ କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ ଜେନେରାଲ ବିନୋଦ ନାମ୍ବିଆର ଏହି ଅବସରରେ ବିମାନ ଚଳାଚଳ କୋରର ସମସ୍ତ ଅଧିକାରୀ ଏବଂ ସୈନିକ ଓ ତାଙ୍କର ପରିବାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆକାଶବାଣୀରେ ଏକ ସ୍ୱତନ୍ତ୍ର ବାର୍ତ୍ତାରେ ଲେଫ୍ଟନାଣ୍ଟ ଜେନେରାଲ ଶ୍ରୀ ନାମ୍ବିଆ କହିଛନ୍ତି ଗତ ୪ ଦଶନ୍ଧି ଧରି ସେନା ବିମାନ ଚଳାଚଳ ବାହିନୀ ଏକ ଶକ୍ତିଶାଳୀ ଏବଂ ଅପରିହାର୍ଯ୍ୟ ଯୁଦ୍ଧ ବାହିନୀରେ ପରିଣତ ହୋଇଛି । ଭାରତୀୟ ସେନାର ଏହା ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଥିବାବେଳେ ନବସୃଜନର ପ୍ରତୀକ ହୋଇଛି ବୋଲି ଶ୍ରୀ ନାମ୍ବିଆ କହିଛନ୍ତି ।

# ଡିଫେନ୍ସ ଚିଫ୍ ମ୍ୟାଟ୍ରିଆଲ

ଭାଇସ୍ ଆଡମିରାଲ ଭି. ଶିବକୁମାର  ଆଜି ଦେଶର ପ୍ରତିରକ୍ଷା ସାମଗ୍ରୀ ବିଭାଗର ମୁଖ୍ୟଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ଦାୟିତ୍ୱ ଗ୍ରହଣ କରିବାରେ ଶ୍ରୀ ଶିବକୁମାର ୪୦ତମ ପ୍ରତିରକ୍ଷା ଅଧିକାରୀ ହୋଇଛନ୍ତି । ନୌସେନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି

ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି । ଏହି ପଦବୀରେ ପୂର୍ବରୁ କାର୍ଯ୍ୟରତ ଥିବା ଭାଇସ୍ ଆଡମିରାଲ କିରଣ ଦେଶମୁଖଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବାରୁ ଶ୍ରୀ ଶିବକୁମାରଙ୍କୁ ପୂର୍ବରୁ ବିଶିଷ୍ଟ ଏବଂ ଅତିବିଶିଷ୍ଟ ସେବା ପଦକ ପ୍ରଦାନ କରାଯାଇଛି ।

## ପାକ୍ ଆଫଗାନ ଟକ୍ସ

ପାକିସ୍ତାନ ନିଶ୍ଚିତ କରିଛି ଯେ ଆଫଗାନିସ୍ତାନ ସହିତ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବ ଏବଂ ଆଲୋଚନାରୁ ସକାରାତ୍ମକ ଫଳାଫଳ ମିଳିବ । ସାପ୍ତାହିକ ସାମ୍ବାଦିକ ସମ୍ମିଳନୀରେ ପାକିସ୍ତାନ ବୈଦେଶିକ କାର୍ଯ୍ୟାଳୟର ମୁଖପାତ୍ର ତାହିର ଆନ୍ଦ୍ରାବି କହିଛନ୍ତି ପାକିସ୍ତାନ ପଡ଼ୋଶୀ ଦେଶ ସହିତ ଉତ୍ତେଜନା ବୃଦ୍ଧି କରିବାକୁ ଚାହୁଁନାହିଁ। ପାକିସ୍ତାନ ମଧ୍ୟସ୍ଥତା ପ୍ରକ୍ରିୟାରେ ନିୟୋଜିତ ରହିବ ଏବଂ ଆସନ୍ତା ୬ ଆଲୋଚନା ପାଇଁ ଏକ ସକାରାତ୍ମକ ଫଳାଫଳ ଆଶା କରୁଥିବା ସେ କହିଛନ୍ତି। ପାକିସ୍ତାନ ଏବଂ ଆଫଗାନିସ୍ତାନ ଗତ ମାସ ଆରମ୍ଭରେ ଯୁଦ୍ଧବିରତି ଜାରି ରଖିବାକୁ ରାଜି ହେବା ପରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଲାଗି ସମୟ ସ୍ଥିର କରାଯାଇଛି ।

# ୱିମ୍ୟାନ୍ସ ୱାର୍ଲ୍ଡକପ କ୍ରିକେଟ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍ ଆସନ୍ତାକାଲି ନଭି ମୁମ୍ବାଇସ୍ଥିତ ଡକ୍ଟର ଡି.ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା' ଇଂଲଣ୍ଡକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ଭାରତ ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା ।